## ସଂକ୍ଷେପରେ

### ୟୁକୋ ବ୍ୟାଙ୍କର ୮୦ତମ ପ୍ରତିଷ୍ଠା ଦିବସ



ମାଲକାନଗିରି,୬ା୧(ଡି.ଏନ.ଏ.)- ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ୟୁକୋ ବ୍ୟାଙ୍କଠାରେ ଶୁକ୍ରବାର ବ୍ୟାଙ୍କର ୮୦ତମ ପ୍ରତିଷ୍ଠା ଦିବସ ପାଳିତ ହାଇଯାଇଛି। ଏହି ଅବସରରେ ଶାଖା ପରିଚାଳକ ସୀମାଞ୍ଚଳ ଗମ୍ପା କେକ୍ କାଟି ବ୍ୟାଙ୍କକୁ ଆହୁରି ଆଗକୁ ନେଇଯିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ବ୍ୟାଙ୍କ ସହ ଯୋଡି ହୋଇ ରହିଥିବା ବିଭିନ୍ନ ପ୍ରତିଷ୍ଠାନ ଓ ଗ୍ରାହକଙ୍କୁ ନେଇ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସହକାରୀ ଶାଖା ପରିଚାଳକ ସୁବ୍ରତ ପୂଜାରୀ, କ୍ୟାସିୟର ଶିବ ପ୍ରସାଦ ପାଢ଼ୀ,ରମେଶ ଓଡ଼ି, ସୂର୍ଯ୍ୟ ସାହୁ, ପି.ଗୋବିନ୍ଦା, ସୁନିଲ ଲେଙ୍କା, କୃଷ୍ଣଚନ୍ଦ୍ର ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଯୁବତୀଙ୍କୁ ପ୍ରତାରଣାକରି ଜଣେ ଗିରଫ

ଜୟପୁର, ୬ା୧ (ନି.ପ୍ର.)-ଜଣେ ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ପ୍ରତାରଣା କରିଥିବା ଅଭିଯୋଗରେ ପୋଲିସ ଜଣକୁ ଗିରଫ କରିଛି। ସେ ହେଲେ ଜୟପୁର ସଦର ଥାନା ଅନ୍ତର୍ଗତ ହାଡ଼ିଆ ଗ୍ରାମର ଆଶିଷ ବାଘ। ସମ୍ପୃକ୍ତା ଯୁବତୀଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ଆଶିଷ ତାଙ୍କ ସହ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ପରେ ତାଙ୍କୁ ବିବାହ ନ କରିବାକୁ କହି ପ୍ରତାରଣା କରିଥିଲେ। ଏ ନେଇ ଯୁବତୀ ଜଣକ ମହିଳା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଗୁରୁତର ସହ ନେଇ ପୋଲିସ ମାମଲା ରୁଜୁକରିବା ସହ ତଦନ୍ତ କରି ଆଶିଷଙ୍କୁ ଗିରଫ କରିଥିଲା। ଗିରଫ ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ମମତା ପାଣିଗ୍ରାହୀ କହିଛନ୍ତି।

### ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ

କୋରାପୁଟ,୬ା୧(ସ୍ୱ.ପ୍ର.)- କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମୁଖ୍ୟ ପରିସର ସୁନାବେଡାଠାରେ 'କ୍ରୀଡା ଏବଂ ସୁସ୍ଥ ଜୀବନ ଯାପନ' ଶୀର୍ଷକ ଏକ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୁଜୁରାଟ କ୍ରୀଡା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଜତିନ କୁମାର ହରଜୀବନଦାସ ସୋନି ଯୋଗଦେଇ ବକ୍ତୃତା ପ୍ରଦାନ କରିଥିଲେ। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଅଧକ୍ଷତା କରିଥିଲେ। ଆଜିର ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସକ୍ରିୟ ଜୀବନଶୈଳୀର ନେତୃତ୍ୱ ନେବାରେ ସହାୟକ ହେବ ବୋଲି ତ୍ରିପାଠୀ କହିଥିଲେ।

### କୁଡୁମୁଲୁଗୁମ୍ମାରେ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ

କୁଡୁମୁଲୁଗୁମ୍ମା,୬ା୧(ଡି.ଏନ.ଏ.)- କୁଡୁମୁଲୁଗୁମ୍ମା ଲ୍ୟାମ୍ପ ତରଫରୁ ପଞ୍ଚାୟତ ବୈଠକ ଗୃହରେ ଏକ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲ୍ୟାମ୍ପ ସଭାପତି ଗୋପୀ ପାଙ୍ଗୀ ସଭାପତିତ୍ୱ କରିଥିଲେ। ମାଲକାନଗିରି ସମବାୟ ସମିତିର ସହକାରୀ ନିବନ୍ଧକ ପ୍ରିୟବ୍ରତ ପଣ୍ଡା ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ରୂପେ ଖଇରପୁଟ ଜୋନ୍ ଜିଲା ପରିଷଦ ସଭ୍ୟ ବଳି ମାଝୀ, କୁଡୁମୁଲୁଗୁମ୍ମା ସରପଞ୍ଚ ମଙ୍ଗଳା ମାଢୀ, ଲ୍ୟାମ୍ପ ଉପସଭାପତି ଡମୁଣୀ ମାଢୀ, ବାଲିମେଳା କେସିସି ବ୍ୟାଙ୍କ ଶାଖା ପରିଚାଳକ ଦଶରଥ ବେହେରା, ଲ୍ୟାମ୍ପ ନିର୍ଦ୍ଦେଶକ ସାଧୁ ହନ୍ତାଳ, ଓଡ଼ିଶା ଜୀବିକା ମିଶନର ବ୍ଲକ କାର୍ଯ୍ୟକର୍ତ୍ତା ଚିନ୍ମୟ କୁମାର ସମାଜିକ କର୍ମୀ ଭଗବାନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ମାଲକାନଗିରି ଜିଲାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଋଣ ପ୍ରଦାନରେ କୁଡୁମୁଲୁଗୁମ୍ମା ଲ୍ୟାମ୍ପ ଅଗ୍ରଣି ଭୂମିକା ଗ୍ରହଣ କରିଛି। ୪୨ଟି ଗୋଷ୍ଠୀଙ୍କୁ ୫୨ ଲକ୍ଷ ଟଙ୍କାର ଋଣ ରାଶି ପ୍ରଦାନ କରାଯାଇଛି। ଫଳରେ ସେମାନଙ୍କ ଆର୍ଥିକ ସ୍ତରରେ ଅଭିବୃଦ୍ଧି ହୋଇଛି ବୋଲି ମୁଖ୍ୟଅତିଥି ପଣ୍ଡା କହିଥିଲେ। ଆଗାମୀ ଦିନରେ ଏଭଳି ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ କରିବା, ଗରିବ ଶ୍ରେଣୀର ମହିଳାମାନେ ବିଭିନ୍ନ କୁଟିର ଶିଳ୍ପ ସାମଗ୍ରୀ ଉତ୍ପାଦନରେ ନିଜକୁ ନିୟୋଜିତ କରି ରୋଜଗାରକ୍ଷମ ହେବା ନେଇ ଅତିଥିମାନେ ମତ ରଖିଥିଲେ। ଲ୍ୟାମ୍ପ ଏମ୍‌ଡି ରମେଶ ଚନ୍ଦ୍ର ରାଉତ ପରିଚାଳନା କରିଥିଲେ। ରାଜେନ୍ଦ୍ର ଦଳପତି ସହଯୋଗ କରିଥିଲେ।

# ବିହାରୀ ଠିକାଦାରଙ୍କ ଫଳକରେ ରାସ୍ତା ନିର୍ମାଣ

- ରାସ୍ତାର ନାଁ ଗନ୍ଧ ନାହିଁ
- ଏନ୍‌ବିସିସି ହାତରେ ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ ଦାୟିତ୍ୱ
- ଯନ୍ତ୍ରୀ କହିଲେ ଅନ୍ୟ ଜଣେ ଠିକାଦାର କରିବେ

ବୈପାରିଗୁଡ଼ା,୬ା୧(ଡି.ଏନ୍.ଏ.)

ଗ୍ରାମାଞ୍ଚଳର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା କାର୍ଯ୍ୟକାରୀ ହେଉଛି। ରାସ୍ତା ନିର୍ମାଣ ପାଇଁ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭଗ ଜରିଆରେ ଅର୍ଥ ଆସୁଛି। ପୂର୍ବରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ତତ୍ତ୍ୱାବଧାନରେ ନିର୍ମାଣ କାମ ହେଉଥିବାବେଳେ ଗତ କିଛି ବର୍ଷ ହେବ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ କେନ୍ଦ୍ର ସରକାରଙ୍କ ଏନ୍‌ବିସିସି (ନ୍ୟାଶନାଲ ବିଲ୍ଡିଂ କନ୍‌ଷ୍ଟ୍ରକ୍ସନ କର୍ପୋରେଶନ) ମଧ୍ୟରେ କାମ ବଣ୍ଟାଯାଉଛି। ତେବେ କୋରାପୁଟ ଜିଲା ବୈପାରିଗୁଡ଼ା ବ୍ଲକରେ ଏନ୍‌ବିସିସି ପକ୍ଷରୁ କାମ ଅତି ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ରାସ୍ତା ନିର୍ମାଣ ଦାୟିତ୍ୱ ଜଣେ ବିହାରୀ ଠିକାଦାର ନେଇଛନ୍ତି। ଅନେକ ଜାଗାରେ ନିର୍ମାଣ ଫଳକ ଲାଗିଛି, ମାତ୍ର ରାସ୍ତା ନାହିଁ। ପୁଣି ଯେଉଁ କେତେକ ସ୍ଥାନରେ ରାସ୍ତା କାମ ହୋଇଛି ତାହା ନିମ୍ନମାନ ଯୋଗୁ ରାସ୍ତାରୁ ପିଚୁ ଉଠି ଖାଲଖମାରେ ପରିଣତ ହେଲାଣି। ମରାମତି ପାଇଁ ଆର୍ଥିକ ବ୍ୟବସ୍ଥା ଥିଲେ ମଧ୍ୟ କୌଣସି କାମ ହେଉନାହିଁ। ବ୍ଲକର ଚିପାକୁର ପଞ୍ଚାୟତ ଅନ୍ତର୍ଗତ କାଉକୁଣ୍ଡ ଗ୍ରାମ ଅତି ଦୁର୍ଗମ ଅଞ୍ଚଳରେ ରହିଛି। ପଞ୍ଚାୟତ



ରାସ୍ତା ନ ହୋଇ କେବଳ ଲାଗିଥିବା ଫଳକ।

ଅଫିସ୍ ଯିବାକୁ ହେଲେ ବାଟରେ ପଡ଼େ ଧର୍ମଗାଡ଼ ନଦୀ। ଗ୍ରାମକୁ ଭଲ ରାସ୍ତାଟିଏ ନାହିଁ। ଯେଉଁ ରାସ୍ତା ଅଛି ସେହି ରାସ୍ତାରେ ବାଇକ୍‌ଟିଏ ମଧ୍ୟ ଯାତାୟାତ କରିପାରୁନାହିଁ। ଗ୍ରାମକୁ ଆମ୍ବୁଲାନ୍ସ ଆସିପାରୁନାହିଁ। ଅଥଚ ସେଠାରେ ଲାଗିଥିବା ଫଳକ ଭିନ୍ନ କଥା କହୁଛି। ଫଳକରେ ଉଲ୍ଲେଖ ତଥ୍ୟ ଅନୁସାରେ କାଉକୁଣ୍ଡ ଗ୍ରାମ ପାଇଁ ଗତ ୬ ଅଗଷ୍ଟ ୨୦୧୮ରେ ରାସ୍ତା କାମ ଆରମ୍ଭ ଓ କାର୍ଯ୍ୟଶେଷ ତାରିଖ ୫ ଏପ୍ରିଲ ୨୦୧୯ ରହିଛି। କେବଳ ଫଳକରେ ରାସ୍ତା ନିର୍ମାଣକରି ଏ ବାବଦ ଟଙ୍କା ଆତ୍ମସାତ୍ କରାଯାଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ବ୍ଲକର ମାଝିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଆର୍‌ଡି ରାସ୍ତାଠାରୁ ଭାଟିପଡ଼ା ଗ୍ରାମ ପର୍ଯ୍ୟନ୍ତ ୧ କି.ମି. ୬୦୦ ମିଟର ରାସ୍ତା ୪ ବର୍ଷ ତଳେ ଏନ୍‌ବିସିସି ଫଳକ ଲଗାଇ କାମ ଆରମ୍ଭ କରିଥିଲା। କାର୍ଯ୍ୟବେଳେ ବିନା ମେଟାଲରେ ମୋରମ ଉପରେ ପିଚୁ ଢାଳିବାକୁ ମନା କରିଥିଲେ ଗ୍ରାମବାସୀ। ସେତିକିରେ ରାସ୍ତାକାମ ଅଟକି ରହିଛି। ଏବେ ଉକ୍ତ ରାସ୍ତା ନିର୍ମାଣକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ସୂଚନାଯୋଗ୍ୟ, ଯେଉଁସବୁ ସ୍ଥାନରେ ରାସ୍ତା ନିର୍ମାଣ ହେଉଛି ମେଟାଲ ଆଦୌ ବ୍ୟବହାର ହୋଇନାହିଁ। ମାଟି ଉପରେ ମୋରମ ପକାଇ ପିଚୁ ଢଳାଯାଉଛି। ପିଚୁ ସ୍ତର ମଧ୍ୟ ପତଳା ରହୁଛି। ରାସ୍ତାକଡ଼ରେ ଡ୍ରେନ୍ ଖୋଳାହେଉନାହିଁ। ଫଳରେ ବର୍ଷେ ନ ପୂରୁଣୁ ପିଚୁ ଉଠି ରାସ୍ତା ଧୋଇଯାଉଛି। ଏ ସମ୍ପର୍କରେ ଏନ୍‌ବିସିସିର ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ପଚାରିବାରୁ କହିଲେ, ଚିପାକୁର-କାଉକୁଣ୍ଡ ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ବିହାରୀ ଠିକାଦାର ଅଧାରୁ କାମ ଛାଡ଼ି ଚାଲିଯାଇଛନ୍ତି। ଅନ୍ୟ ଜଣେ ଠିକାଦାର ଏହି କାମ କରିବେ। ତେବେ କେବେ ତାହା ହେବ ସେନେଇ ସେ ଠିକ୍ ଭାବେ କିଛି କହିପାରି ନ ଥିଲେ।

## ୨ ପଞ୍ଚାୟତବାସୀ ଯୋଗାଣ ଅଧିକାରୀଙ୍କୁ ଭେଟିଲେ

**ମଣ୍ଡିରେ ଧାନ ବିକ୍ରି ବୃଦ୍ଧି ଦାବି**

ମାଲକାନଗିରି,୬ା୧(ଡି.ଏନ.ଏ.)

ମାଲକାନଗିରି ଜିଲାରେ ଏବେ ଧାନମଣ୍ଡି ଚାଲିଛି। ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ବହୁ ସ୍ଥାନରେ ମଣ୍ଡିଗୁଡିକରେ ବିଭିନ୍ନ ସମସ୍ୟା ଦେଖିବାକୁ ମିଳିଛି। ମାଲକାନଗିରି ସଦର ବ୍ଲକ ଝରାପାଲି ଓ ପେଡାକୋଣ୍ଡା ପଞ୍ଚାୟତବାସୀ ଧାନମଣ୍ଡି ସମସ୍ୟା ଓ ଏହାର ସମାଧାନ ପାଇଁ ଶୁକ୍ରବାର ଜିଲା ଯୋଗାଣ ଅଧିକାରୀଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ଏଥିରେ ଉଲ୍ଲେଖ ଅଛି, ମଣ୍ଡିରେ ଧାନ ବିକ୍ରି କରିବା ଲାଗି ଏହି ଦୁଇ ପଞ୍ଚାୟତର ପ୍ରାୟ ସମସ୍ତ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ପ୍ରତ୍ୟେକ ଚାଷୀଙ୍କୁ ମଣ୍ଡିରେ ନିର୍ଦ୍ଧାରିତ ପରିମାଣର ଧାନ ବିକ୍ରି ପାଇଁ ମ୍ୟାସେଜରେ ସୂଚନା ଆସୁଛି। ମାତ୍ର ଯେଉଁ ଚାଷୀଙ୍କ ନିକଟରେ ଅଧିକ ଧାନ ଅଛି ସେହି ଧାନକୁ ବିକ୍ରୟ କରିବା ପାଇଁ ଚାଷୀଙ୍କୁ ପୁନର୍ବାର ମଣ୍ଡି ଟୋକନ କରି ପୁଣି ଥରେ ଦୁଇ ସପ୍ତାହ ରୁ ଅଧିକ ଦିନ ଅପେକ୍ଷା କରିବାକୁ ହେଉଛି। ଫଳରେ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ଚାଷୀଙ୍କୁ ୩୦ରୁ ୩୫ କୁଇଣ୍ଟାଲ ଧାନ ବିକ୍ରି ଲାଗି ବ୍ୟବସ୍ଥା କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ପେଡାକଣ୍ଡା ସରପଞ୍ଚ ଲକ୍ଷ୍ମଣ କବାସୀ, ଝରାପାଲି ସରପଞ୍ଚ ବିମଳା ମାଡକାମିଙ୍କ ସହ ୩୦ରୁ ଊର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ।

# କୋରାପୁଟ ଜିଲାର ୩ ନିର୍ବାଚନମଣ୍ଡଳୀର ଚୂଡ଼ାନ୍ତ ଭୋଟର ତାଲିକା

କୋରାପୁଟ,୬ା୧(ସ୍ୱ.ପ୍ର.)

କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ସେହି ଅନୁଯାୟୀ ଲକ୍ଷ୍ମୀପୁର, କୋରାପୁଟ ଓ ପଟ୍ଟାଙ୍ଗି ବିଧାନସଭା ନିର୍ବାଚନମଣ୍ଡଳୀରେ ୩୭୮୮ ଜଣ ନୂତନ ଭୋଟର ପଞ୍ଜୀକୃତ ହୋଇଥିବା ଉପଜିଲାପାଳ ନରେନ୍ଦ୍ର ନାୟକ କହିଛନ୍ତି। ଦୁଇଟି ପୌରାଞ୍ଚଳ ଓ ୧୦ଟି ବ୍ଲକର ୬୬୩ ବୁଥ୍‌କୁ ନେଇ ଗଠିତ ଜିଲାର ଏହି ୩ ନିର୍ବାଚନମଣ୍ଡଳୀର ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀରେ ୭୭୦ ନୂତନ ଭୋଟର ପଞ୍ଜୀକୃତ ହୋଇଥିବାବେଳେ କୋରାପୁଟ ନିର୍ବାଚନମଣ୍ଡଳୀରେ ସର୍ବାଧିକ ୧୯୭୩ ନୂତନ ଭୋଟର ଏବଂ ପଟ୍ଟାଙ୍ଗି ନିର୍ବାଚନମଣ୍ଡଳୀରେ ୧୦୪୫ ନୂତନ ଭୋଟର ସେମାନଙ୍କ ନାମ ପଞ୍ଜୀକରଣ କରିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ନୂତନ ଭୋଟର ତାଲିକା ପ୍ରକାଶ ପରେ ଜିଲାର ଉପରୋକ୍ତ ୩ ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ ଭୋଟର ସଂଖ୍ୟା ୫,୨୮,୩୩୭ରେ ପହଞ୍ଚିଛି। ସେଥିରୁ ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀରେ ମୋଟ ଭୋଟର ସଂଖ୍ୟା ୧,୬୬,୬୩୪ ହୋଇଥିବାବେଳେ କୋରାପୁଟ ନିର୍ବାଚନମଣ୍ଡଳୀରେ ମୋଟ ଭୋଟର ସଂଖ୍ୟା ୧, ୮୨,୫୪୧ ଏବଂ ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀରେ ମୋଟ ଭୋଟର ସଂଖ୍ୟା ୧, ୭୯, ୧୬୨କୁ ବୃଦ୍ଧି ପାଇଛି। ପୂର୍ବରୁ ଏହି ୩ ନିର୍ବାଚନମଣ୍ଡଳୀରେ ମୋଟ ଭୋଟରଙ୍କ ସଂଖ୍ୟା ୫,୨୪, ୫୪୯ ଥିଲା।

## ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୬ା୧(ଡି.ଏନ.ଏ.)

ଛତିଶଗଡ଼ର ସୁକ୍‌ମା ପୋଲିସ ନିକଟରେ ୩ ଜଣ ମାଓବାଦୀ ଗୁରୁବାର ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ କିଷ୍ଟରାମ ଏରିଆ କମିଟିର କମାଣ୍ଡର ବେଠି ଜଗା, ଅଧକ୍ଷ ମାଡବି ବୁଦ୍ଧୁରା ଓ ଉପାଧକ୍ଷ ମାଡବି ଜଗା। ଏହି ମାଓବାଦୀମାନେ ଅନେକ ହିଂସାକାଣ୍ଡରେ ଜଡିତ ଥିଲେ। ଛତିଶଗଡ଼ ସରକାରଙ୍କ ପକ୍ଷରୁ ବୁଦ୍ଧୁରାଙ୍କ ନାମରେ ପୂର୍ବରୁ ୫ ଲକ୍ଷ ଟଙ୍କା ଓ ଜଗାଙ୍କ ନାମରେ ୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା ହୋଇଥିଲା। ମାଓବାଦୀ ସଙ୍ଗଠନ ନିଜର ନୀତି ଆଦର୍ଶ ହରାଇ ଦିଗ ହରା ହେଉଥିବାରୁ ସେମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାପାଇଁ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି ବୋଲି ସୁକ୍‌ମା ଏସପି ସୁନିଲ ଶର୍ମା କହିଛନ୍ତି।

## ୨ କୁଇଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ


ଜବତ ଗଞ୍ଜେଇ ଏବଂ ଗିରଫ ୨ ଅଭିଯୁକ୍ତ।

ଜୟପୁର,୬ା୧(ନି.ପ୍ର.)

ଗଞ୍ଜେଇ ଚୋରାଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ଚଢ଼ାଉକରି ୨କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ସେମନେ ହେଲେ ବାଲିମେଳାର ରାଜେନ୍ଦ୍ର ମଣ୍ଡଳ ଓ କବିରାଜ ଗୋଲଦାର। ମାଲକାନଗିରି ଜିଲାରୁ ଏକ ବୋଲେରୋ (ଓଆର୍ ୧୦ଡି-୭୨୯୫)ରେ ଗଞ୍ଜେଇ ଚାଲାଣ କରାଯାଉଥିବା ସୂଚନା ବିଭାଗୀୟ କର୍ମଚାରୀମାନେ ବାଲିଆ ବ୍ରିଜ୍ ନିକଟରେ ଜଗି ରହିଥିଲେ। ଏହି ବୋଲେରୋ ଆସିବା ପରେ ଏହାକୁ ଅଟକାଇ ଯାଞ୍ଚ କରିଥିଲେ। ସେଥିରୁ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ଏହାର ବଜାର ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ। ଉକ୍ତ ଗଞ୍ଜେଇ ମାଲକାନଗିରିରୁ ନବରଙ୍ଗପୁର ଜିଲା କୋଷାଗୁମୁଡ଼ାକୁ ଚାଲାଣ ହେଉଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ଅବକାରୀ ନିରୀକ୍ଷକ ଦୁର୍ବାଦଳ ବିଶ୍ୱାଳ ଓ ଓଆଇସି ସଞ୍ଜୟ କାଣ୍ଡି କହିଛନ୍ତି।

# ୩୫୦ ଲୋକଙ୍କୁ ଗୋଟିଏ ନଳକୂପ


ନଳକୂପ ସମ୍ମୁଖରେ ପାଣି ନେବାକୁ ମହିଳାଙ୍କ ଭିଡ।

ଦଶମନ୍ତପୁର,୬ା୧ ( ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗାଦିଆଗୁଡା ପଞ୍ଚାୟତର ପାଇକପୁକି ଗ୍ରାମର ହରିଜନ ସାହିରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ସାହିବାସିନ୍ଦା ଦୂଷିତ ପାଣି ପାନୀୟ ଜଳ ରୂପେ ବ୍ୟବହାର କରି ଚଲୁଛନ୍ତି। ୭୦ ଘର ବିଶିଷ୍ଟ ଏହି ସାହିରେ ଜନସଂଖ୍ୟା ରହିଛି ୩୫୦। ସାହିରେ ଗୋଟିଏ ମାତ୍ର ନଳକୂପ ରହିଛି। ମାତ୍ର ଏତେ ଲୋକଙ୍କୁ ଗୋଟିଏ ନଳକୂପର ପାଣି ଯଥେଷ୍ଟ ହେଉନାହିଁ। ଅନେକ ସମୟରେ ପାଣି ନେବା ବେଳେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରଅକାଶ ପାଉଛି ବୋଲି କହନ୍ତି ସାହିର କୁମାରୀ ଚେଟି, ବଜନ୍ତି କୁଳଦ୍ୱୀପ, ମନୋରମା ଖୋସଲା, ଲକ୍ଷ୍ମୀ ଚେଟି, କମଳା ଡଙ୍ଗ୍ରି। ନଳକୂପ ଜଳ ଯଥେଷ୍ଟ ହେଉ ନ ଥିବାରୁ ଲୋକେ ବାଧ ହୋଇ ଗ୍ରାମ ନିକଟସ୍ଥ ମୁରାନ ନଦୀରେ ଚୁଆଁ ଖୋଳି ପାଣି ଆଣୁଛନ୍ତି। ଏହି ପାଣି ବ୍ୟବହାର କରି ସାହିବାସିନ୍ଦା ଅନେକ ସମୟରେ ବିଭିନ୍ନ ରୋଗର ଶିକାର ହେଉଥିବା କହିଛନ୍ତି। ସାହିରେ ଆଉ ଗୋଟିଏ ନଳକୂପ ଖନନ କରିବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ପିଇଓ ସୁଶାନ୍ତ ଶତପଥୀଙ୍କୁ ପଚାରିବାରୁ ସେ କହିଲେ, ସାହିବାସିନ୍ଦାଙ୍କ ପାଇଁ ଖୁବ ଶୀଘ୍ର ପାନୀୟ ଜଳ ବ୍ୟବସ୍ଥା କରାଯିବ।

## ପୋଲିସ ଇନ୍‌ଫର୍ମର ସନ୍ଦେହରେ ଜଣଙ୍କୁ ମାଓବାଦୀଙ୍କ ହତ୍ୟା

ମାଲକାନଗିରି,୬ା୧(ଡି.ଏନ.ଏ.)

ମାଲକାନଗିରି ଜିଲା ସୀମାନ୍ତରୁ କିଛି ଦୂରରେ ପୋଲିସ ଇନଫର୍ମର ସନ୍ଦେହରେ ଜଣେ ଗ୍ରାମବାସୀଙ୍କୁ ମାଓବାଦୀମାନେ ହତ୍ୟା କରିଛନ୍ତି। ସେ ହେଲେ ଆନ୍ଧ୍ରପ୍ରଦେଶ ବୁରକନକାଣ୍ଟାର ସାୟନ ସୁବାୟା। ତାଙ୍କୁ ମାଓବାଦୀମାନେ ବୁଧବାର ରାତିରେ ଘରୁ ଉଠାଇ ନେଇ ନିର୍ଘୁକ ମାଡ ମାରି ନିର୍ମମ ଭାବେ ହତ୍ୟା କରି ଦେଇଛନ୍ତ। ଘଟଣା ସ୍ଥଳରେ ମାଓବାଦୀମାନେ ଏକ ହାତଲେଖା ଚିଠି ଛାଡି ଯାଇଥିବା ଦେଖିବାକୁ ମିଳିଛି। ଯେଉଁଥିରେ ପୋଲିସ ଇନଫର୍ମର ଅଭିଯୋଗରେ ସାୟନଙ୍କୁ ହତ୍ୟା କରାଯାଇଥିବା ଉଲ୍ଲେଖ ରହିଛି। ଏହି ଘଟଣା ପରେ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ନାବାଳିକାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ଜୟପୁର, ୬ା୧ (ନି.ପ୍ର.)

ଜଣେ ନାବାଳିକାଙ୍କୁ ଟଣାଓଟରା କରି ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ମହିଳା ଥାନା ପୋଲିସ ସମ୍ପୃକ୍ତ ନାବାଳକଙ୍କୁ ଧରିଛି। ତାଙ୍କ ଘର ବୈପାରିଗୁଡ଼ା ଅଞ୍ଚଳରେ। ପରେ ତାଙ୍କୁ ଜୁଭେଲାଇନ ଜଷ୍ଟିସ୍ ବୋର୍ଡଙ୍କ ନିକଟରେ ହାଜର କରାଯାଇଥିବା ଜଣାପଡ଼ିଛି।

## କଣ୍ଡେଲଗୁଡ଼ା ହତ୍ୟା ଘଟଣାରେ ୨ ଗିରଫ

ମାଲକାନଗିରି,୬ା୧(ଡି.ଏନ.ଏ.)

ମାଲକାନଗିରି ଜିଲା କଣ୍ଡେଲଗୁଡା ନିକଟରେ ଗତ ନଭେମ୍ବର ୧୭ରେ ହୋଇଥିବା ଏକ ହତ୍ୟାକାଣ୍ଡରେ ମାଲକାନଗିରି ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। କଣ୍ଡେଲଗୁଡା ଏବଂ ସିନ୍ଧ୍ରିମାଳର କେତେ ଜଣ ବ୍ୟକ୍ତି ଗଞ୍ଜେଇ ଆଣିବା ପାଇଁ ଯାଉଥିବା ବେଳେ ସିନ୍ଧ୍ରିମାଳ ଗ୍ରାମର ରାମଚନ୍ଦ୍ର ମାଝି ଓ କଣ୍ଡେଲଗୁଡା ଗ୍ରାମର ଲୋକନାଥ ସିରଗାମ ଏବଂ ଖଗେଶ୍ୱର ଓଡାରିଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ଏହାକୁ ନେଇ ରାମଚନ୍ଦ୍ରଙ୍କୁ ଲୋକନାଥ ଓ ଖଗେଶ୍ୱର ହତ୍ୟା କରି ଗଣ୍ଡଲଗୁଡା ଗ୍ରାମ ନିକଟରେ ଫିଙ୍ଗି ଦେଇଥିଲେ। ରାମଚନ୍ଦ୍ର ଘରକୁ ନ ଫେରିବାରୁ ଏନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ମାଲକାନଗିରି ପୋଲିସ ଘଟଣାର ତଦନ୍ତ ବେଳେ ଗ୍ରାମ ନିକଟରୁ ଏକ ନରକଙ୍କାଳ ପାଇଥିଲା। ଏହି ନର କଙ୍କାଳ ରାମଚନ୍ଦ୍ରଙ୍କର ବୋଲି ଜଣାପଡିବା ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତକୁ ଜୋରଦାର କରିଥିଲା। ଏଥିରେ ଲୋକନାଥ ଓ ଖଗେଶ୍ୱରଙ୍କ ସମ୍ପୃକ୍ତି ଥିବା ସ୍ପଷ୍ଟ ହେବାରୁ ଉଭୟଙ୍କୁ ଗିରଫ କରାଯାଇଥିଲା। ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ଜଣାପଡିଛି।

## ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ମାଥିଲି,୬ା୧ (ଡି.ଏନ.ଏ.)

ମାଲକାନଗିରି ଜିଲା ମାଥିଲି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟଳୟ ପରିସରରେ ଗୋଷ୍ଠୀ ଶିକ୍ଷାଧିକାରୀ ଶଶୀ ଭୂଷଣ ମିଶ୍ରଙ୍କୁ ଶୁକ୍ରବାର ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଆର. ୟେସୁ ଦାସ, ବ୍ଲକ ଶିକ୍ଷକ ସଂଘ ସଭାପତି ଉମାକାନ୍ତ ଜେନା ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସମ୍ବର୍ଦ୍ଧନାର ଉତ୍ତରରେ ମିଶ୍ର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସୁସ୍ଥ ନିରାମୟ ଜୀବନ କାମନା କରିଥିଲେ। ବ୍ୟବସ୍ଥାପକ ଅଧିକାରୀ ଉମେଶ ଦାଶ, ସିଆରସିସି ସନ୍ତୋଷ ଗଣ୍ଡ, ରାଜୀବ ଖେମୁଡୁ ଶିକ୍ଷକ ଆର୍ ଭେଙ୍କଟ ରାମନା, ରତ୍ନାକର ପାଳ, ଅବସରପ୍ରାପ୍ତ ଶିକ୍ଷକ ସନ୍ତୋଷ ନାୟକ କୃଷ୍ଣ କୁମାର,ଆର୍ ରାମକୃଷ୍ଣ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

## ବିଭିନ୍ନ କାର୍ଯ୍ୟ ତଦାରଖ କଲେ ପୌରାଧକ୍ଷ

ମାଲକାନଗିରି,୬ା୧(ଡି.ଏନ.ଏ.)

ମାଲକାନଗିରି ପୌର ଅଧକ୍ଷ ମନୋଜ କୁମାର ବାରିକ ଶୁକ୍ରବାର ୧୧ ନମ୍ବର ୱାର୍ଡ ଗସ୍ତ କରି ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିଛନ୍ତି। ସେଠାରେ ନିର୍ମାଣ ହୋଇଥିବା ରାସ୍ତା ଏବଂ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟର ସେ ସମୀକ୍ଷା କରିଥିଲେ। ପରେ ୱାର୍ଡର ବିଭିନ୍ନ ସମସ୍ୟା ସମ୍ପର୍କରେ ୱାର୍ଡବାସୀଙ୍କ ସହିତ ଆଲୋଚନା କରିଥିଲେ। ୱାର୍ଡରେ ଥିବା ପାନୀୟ ଜଳ, ଡ୍ରେନେଜ, ପରିମଳ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ବାରିକ ପ୍ରତିଶ୍ରୁତି ଦେଇଥିଲେ। ଏହି ଗସ୍ତ ସମୟରେ ମାଲକାନଗିରି ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ରାମ ପ୍ରଧାନ, ବାଲିସାଗର ଏସ୍‌ଡିଏ ସଭାପତି ଗୌର ନାୟକ, ସମ୍ପାଦକ ଅଜିତ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।


ପୌରାଧକ୍ଷ ୧୧ ନମ୍ବର ୱାର୍ଡରେ ଉନ୍ନୟନ କାର୍ଯ୍ୟ ବୁଲି ଦେଖୁଛନ୍ତି।

# ଏୟାରପୋର୍ଟକୁ ଜମି ଅଧିଗ୍ରହଣ ନେଇ ହେଲା ଜନଶୁଣାଣି

**ଆଗକୁ ଯଦି ଅଧିକ ଜମି ଚାହିଁବ ତେବେ ଏୟାରପୋର୍ଟ ଅନ୍ୟତ୍ର କର**

ଜୟପୁର, ୬ା୧ (ନି.ପ୍ର.)

ଜୟପୁର ଏୟାରପୋର୍ଟର ସମ୍ପ୍ରସାରଣ ଓ ଉନ୍ନତୀକରଣ ପାଇଁ ଜମି ଅଧିଗ୍ରହଣ ହେବ। ଏନେଇ ଶୁକ୍ରବାର ଜୟପୁର ବ୍ଲକ ଅନ୍ତର୍ଗତ ଏକମ୍ବା ପଞ୍ଚାୟତ କାର୍ଯ୍ୟାଳୟରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଜନ ଶୁଣାଣିରେ ଉପଜିଲାପାଳ ବେଦବର ପ୍ରଧାନ, ଏନ୍‌ସିଡିଏସ୍‌ର ବିନାୟକ ଦାସ ଓ ନବକୃଷ୍ଣ ଚୌଧୁରୀ, ନାଏବ ସରପଞ୍ଚ ରାଧା ଜାନି, ରାସ୍ତା ଓ ଗୃହ ବିଭାଗ କନିଷ୍ଠଯନ୍ତ୍ରୀ ସରୋଜ ପ୍ରଧାନ, ଏକମ୍ବା ପଞ୍ଚାୟତର ବାଙ୍ଗବିଜା ଗ୍ରାମବାସୀ ଉପସ୍ଥିତ ଥିଲେ। ଜୟପୁର ଏୟାର ପୋର୍ଟରୁ ଏଟିଆର୍ ୭୨ ସିଟର ବିମାନ ଉଡ଼ିବା ନେଇ ସରକାର ପଦକ୍ଷେପ ନେଉଛନ୍ତି। ଫଳରେ ଏହି ଏୟାରପୋର୍ଟର



ଜନଶୁଣାଣିରେ ଉପସ୍ଥିତ ଅଧିକାରୀମାନେ ଗ୍ରାମବାସୀଙ୍କୁ ଜମି ଅଧିଗ୍ରହଣ ନେଇ ବୁଝାଉଛନ୍ତି।

ସମ୍ପ୍ରସାରଣ କରାଯିବ। ଏଥିପାଇଁ ୧୦ ଏକର ୭୫ ସେଣ୍ଟ ଜମିର ଆବଶ୍ୟକତା ରହିଛି। ଏହି ଜମି ବାଙ୍ଗବିଜା ଗ୍ରାମର ୧୮ଜଣ ଜମି ମାଲିକଙ୍କଠାରୁ ଅଧିଗ୍ରହଣ ହେବ। ଜନଶୁଣାଣିରେ ଆବଶ୍ୟକ ଉପରୋକ୍ତ ପରିମାଣର ଜମି ଦେବାକୁ ଗ୍ରାମବାସୀ ଓ ଜମିମାଲିକମାନେ ସହମତି ପ୍ରକାଶ କରିଥିଲେ। ଏହି ପରିମାଣର ଜମି ଅଧିଗ୍ରହଣ ହେଲେ ମାଲିକ ଜମିର ଦ୍ୱିଗୁଣ ମୂଲ୍ୟ, ଗଛ, ଗୁହାଳ ପକ୍କାଘର ଜମିରେ ଧାନ ଥିଲେ ଧାନର ମୂଲ୍ୟ ସହ ପ୍ରତ୍ୟେକ ପରିବାରକୁ ୫ ଲକ୍ଷ ଟଙ୍କା, ୧ ବର୍ଷ ପାଇଁ ମାସକୁ ୩ ହଜାର ଲେଖାଏ ଟଙ୍କା ସରକାର ଯୋଗାଇଦେବାକୁ ଗ୍ରାମବାସୀଙ୍କୁ ଅବଗତ କରାଯାଇଥିଲା। ଅନ୍ୟପକ୍ଷରେ ଯଦି ଆଗାମୀ ଦିନରେ ଏୟାରପୋର୍ଟ ଆହୁରି ସମ୍ପ୍ରସାରଣ ହୁଏ ଏବଂ ସେଥିପାଇଁ ଆମ ଗ୍ରାମକୁ ସମ୍ପୂର୍ଣ୍ଣ ଅଧିଗ୍ରହଣ କରି ଆମକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଏ ତେବେ ସରକାର ଏୟାରପୋର୍ଟ ଅନ୍ୟତ୍ର କରନ୍ତୁ ବୋଲି ଗ୍ରାମବାସୀ ଦାବି କରିଥିଲେ। ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେବାକୁ ଜନଶୁଣାଣି ବେଳେ ସେମାନେ ଦାବି କରିଥିଲେ।

## ସଂକ୍ଷେପରେ

### ନୂତନ ପିଇଓ ସଂଘ ଗଠିତ

କୋଡିଙ୍ଗା,୬।୧(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ସଦର ମହକୁମା ଡଙ୍ଗରିଗୁଡା ମନ୍ଦିର ପ୍ରାଙ୍ଗଣରେ ବ୍ଲକ ନୂତନ ପିଇଓ ସଂଘ ପୁନର୍ଗଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପିଇଓମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇ ବିଗତ ଦିନମାନଙ୍କରେ ସଂଘର ଆୟ ବ୍ୟୟ ହିସାବ ଦିଆଯାଇଥିଲା। ସର୍ବସମ୍ମତି କ୍ରମେ ସଂଘ ଚିକିଚନ୍ଦ୍ର ନାୟକଙ୍କୁ ସଭାପତି, ସଞ୍ଜୟ କୁମାର ମହାକୁଡ଼ଙ୍କୁ ସମ୍ପାଦକ, କୋଷାଧକ୍ଷ ଭାବେ ସୁଦର୍ଶନ ଚକ୍ରବର୍ତ୍ତୀ ପଟ୍ଟନାୟକଙ୍କୁ ମନୋନୀତ କରାଯାଇଛି। ଉପଦେଷ୍ଟା ଭାବେ କୈଳାସ ଚନ୍ଦ୍ର ପାଣିଗ୍ରାହୀ ଓ ଆଇନ ପରାମର୍ଶଦାତା ଭାବେ ଯୁଧିଷ୍ଠିର ରାଜଗଣ୍ଡଙ୍କୁ ନିଯୁକ୍ତି ଦିଆଯାଇଛି। ନବନିଯୁକ୍ତ କର୍ମକର୍ତ୍ତାଙ୍କୁ ପିଇଓମାନେ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

### ୧୯୮୫ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

ଉମରକୋଟ, ୬।୧ସ୍ୱ.ପ୍ର.)-ସଦାଶିବ ସୁକୁମାର ଉଚ୍ଚ ବିଦ୍ୟାଳୟର ୧୯୮୫ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ ଉମରକୋଟସ୍ଥିତ ଭାସ୍କଲ ଡ୍ୟାମ୍‌ଠାରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ପ୍ରାୟ ୮୦ ଜଣ ସାଙ୍ଗ ଉପସ୍ଥିତ ଥିଲେ। ପ୍ରଥମେ ସମସ୍ତେ ଏକତ୍ରିତ ହୋଇ ମୃତ୍ୟୁବରଣ କରିଥିବା ବନ୍ଧୁଙ୍କ ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ। ସମସ୍ତେ ଉତ୍ସାହର ସହ କେକ୍ କାଟି ନାଚଗୀତ କରିଥିଲେ। ସମସ୍ତେ ପରସ୍ପରକୁ ସାହାଯ୍ୟ କରିବା ଏବଂ ସମାଜରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅସହାୟ ଗରୀବ ଶ୍ରେଣୀର ଲୋକଙ୍କୁ ଯଥା ଶକ୍ତି ସାହାଯ୍ୟ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ମୃତ୍ୟୁବରଣ କରିଥିବା ସାଙ୍ଗଙ୍କ ପରିବାର ସଦସ୍ୟଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଛି।

### ପାଗଳା କୁକୁର କାମୁଡ଼ାରେ ୬ ଆହତ

ଚନ୍ଦାହାଣ୍ଡି, ୬।୧(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ଶୁକ୍ରବାର ପାଗଳା କୁକୁର କାମୁଡ଼ାରେ ୬ଜଣ ଆହତ ହୋଇଛନ୍ତି। ସେ ସମସ୍ତଙ୍କୁ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ କରାଯାଇଛି। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ଚିକିତ୍ସାପରେ ସେମାନଙ୍କୁ ଘରକୁ ପଠାଯାଇଛି ବୋଲି ଡାକ୍ତର ସନ୍ଦୀପ କୁମାର ଶତପଥୀ କହିଛନ୍ତି। ସୂଚନାନୁଯାୟୀ, ଶୁକ୍ରବାର ସକାଳ ପ୍ରାୟ ୯ଟାରେ ଗୋଟିଏ ପାଗଳ କୁକୁର ଚନ୍ଦାହାଣ୍ଡି ପଞ୍ଚାୟତ ହଳଦୀ ଗ୍ରାମ ରାସ୍ତା ପାଖରେ ବିଜନ୍ତ କୁମାର ପଣ୍ଡା (୪୩)ଙ୍କୁ କାମୁଡି ଥିଲା। ଘଉଡାଇବାକୁ ଉଦ୍ୟମ କରିବାବେଳେ ମୋହରା ଗ୍ରାମର ନରେଶ ବାରିକ (୨୨) ଏବଂ ଚନ୍ଦାହାଣ୍ଡି ସଦର ଗ୍ରାମର ମକରଧ୍ୱଜ ବେସନ (୩୮)ଙ୍କୁ ଉକ୍ତ କୁକୁରଟି କାମୁଡି ଥିଲା। ହଳଦୀ ଗ୍ରାମବାସୀ ଘଉଡ଼ାଇବାବେଳେ ରାସ୍ତାରେ ଖେଳୁ ଥିବା ସେମଲାଗୁଡା ଗ୍ରାମର ତପନ ଗୌଡ଼ (୪)ଙ୍କୁ କୁକୁର କାମୁଡ଼ି ଥିଲା। ଚନ୍ଦାହାଣ୍ଡିରେ ଥିବା ଦୋକାନ ଖୋଲିବାକୁ ଆସୁଥିବା ଛତିଶଗଡ଼ ମଙ୍ଗରଓଡା ଗ୍ରାମର ପିତାମ୍ବର ନେତାମ (୨୬) ଏବଂ ତାଙ୍କ ସହଯୋଗୀ ଟେକରାମ ନେତାମଙ୍କୁ ପାଗଳ କୁକୁରଟି କାମୁଡ଼ିଥିଲା।

### ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମର ସଚେତନତା ଶିବିର

ନବରଙ୍ଗପୁର, ୬।୧(ବି.ପ୍ର.)-ନବରଙ୍ଗପୁର ଜିଲା ଟିର୍ଲିଆମ୍ବଗୁଡ଼ାସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଜିଲା ଶିଳ୍ପ କେନ୍ଦ୍ର ଦ୍ୱାରା ଛାତ୍ରାଛାତ୍ରୀଙ୍କ ମଧ୍ୟରେ ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମ ଉପରେ ଏକ ଦିବସୀୟ ସଚେତନତା ଶିବିର ଆୟୋଜିତ ହୋଇଛି। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ସହକାରୀ ପ୍ରଫେସର ମନ୍ମଥ କୁମାର ମାଝିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଜୟନ୍ତ କୁମାର ନାୟକ, ସମ୍ମାନିତ ବକ୍ତା ଭାବେ ନିର୍ମଳ କୁମାର ରାୟଗୁରୁ, କେ.ବିକ୍ରମ ରାଜୁ, ସ୍ୱାତୀ ମିଶ୍ର ଓ ଧବଳେଶ୍ୱର ଜେନା ଅତିଥିଭାବେ ଉପସ୍ଥିତ ଥିଲେ। ଛାତ୍ରାଛାତ୍ରୀମାନେ କିଭଳି ସ୍ୱାବଲମ୍ବୀ ହେବେ ଓ ଦେଶ ପ୍ରଗତି ରେ ନିଜର ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ କରିବେ ସେ ବିଷୟରେ ଆଲୋଚନା କରାଯାଇଛି। ସ୍ୱାବଲମ୍ବୀ ହେବା ପାଇଁ ସରକାରଙ୍କ ପକ୍ଷରୁ କଣ କଣ ଯୋଜନା ରହିଛି ଏବଂ କିପରି ତାହାର ବିନିଯୋଗ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଛି। ସମୟ ଅପଚୟ ନ କରିବାକୁ ସହକାରୀ ପ୍ରଫେସର ଡ ଅରବିନ୍ଦ କୁମାର ଓଝା ଛାତ୍ରାଛାତ୍ରୀଙ୍କୁ ଉପଦେଶ ଦେଇ ଥିଲେ। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟର ୩୦ଜଣ ଆଗ୍ରହୀ ଛାତ୍ରାଛାତ୍ରୀଙ୍କୁ ଚୟନ କରାଯାଇ ସେମାନଙ୍କୁ ୧୨ ଦିନିଆ ପ୍ରଶିକ୍ଷଣ ଦିଆଯିବାର ଯୋଜନା କରାଯାଇଛି। ସହକାରୀ ପ୍ରଫେସର ରାଜୀବ ଜାଲ ଧନ୍ୟବାଦ ଦେଇଥିଲେ।

# ଢେମ୍‌ସା, ଡଙ୍ଗରିଆ ନାଚର ମଜା ନେଲେ ଦର୍ଶକ

- କଲ୍ୟାଣସିଂହପୁରରେ ବ୍ଲକସ୍ତରୀୟ ଚଇତି
- କଳା ପ୍ରଦର୍ଶନ କଲେ ୧୪ ପଞ୍ଚାୟତର ସାଂସ୍କୃତିକ ଦଳ

ରାୟଗଡ଼ା,୬।୧(ସ୍ୱ.ପ୍ର.)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକରେ ଶୁକ୍ରବାର ଲୋକ ମହୋତ୍ସବ ଚଇତି ଉଦ୍‌ଘାଟନ ହୋଇଯାଇଛି। ଏଥିରେ ବ୍ଲକ ଅଧକ୍ଷା ଅମ୍ବିତା କାଡ୍ରାକା ମୁଖ୍ୟ ଅତିଥି ଏବଂ ବି. ସୂର୍ଯ୍ୟ ପ୍ରକାଶ ରାଓ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷ ଡମ୍ବରୁ କଞ୍ଜାକା, ବିଡିଓ ତାପସ କୁମାର ଭୋଇ ମଞ୍ଚାସୀନ ଥିଲେ। ନାଗାବଳୀ ଓ କଲ୍ୟାଣୀ ନଦୀ ସଙ୍ଗମଘାଟରୁ ଗଙ୍ଗାଙ୍କୁ ଆବାହନ କରି କଳସ ଶୋଭାଯାତ୍ରା ବାହାରିଥିଲା। ଏହି କଳସ ଶୋଭାଯାତ୍ରାରେ ସକାଳୁ ବ୍ଲକ ପ୍ରଶାସନ, ସ୍ୱୟଂ ସହାୟିକା ଗୋଷ୍ଠୀ, ଗ୍ରାମବାସୀ, ବୁଦ୍ଧିଜୀବୀ, ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିସାରିବା ପରେ ତାହାକୁ ଚଇତି ମଣ୍ଡପରେ ସ୍ଥାପନ କରାଯାଇଥିଲା। ଏହାପରେ ଉପସ୍ଥିତ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ପଲ୍ଲିଶ୍ରୀ ମେଳା ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରାଣୀ ସମ୍ପଦ, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ, ଉଦ୍ୟାନ କୃଷି ବିଭାଗ, ଡଙ୍ଗରିଆ କନ୍ଧ ସମ୍ପ୍ରଦାୟ, ବିଦ୍ୟାଳୟ, ମିଶନ ଶକ୍ତି, ପଞ୍ଚାୟତିରାଜ ଓ ପାନୀୟଜଳ, କୃଷି ଓ କୃଷକ ବିଭାଗ, ପୁଷ୍ଟି ଶସ୍ୟମେଳା, ଶିଶୁ ବିକାଶ ଯୋଜନା ଷ୍ଟଲ୍ ରହିଥିଲା। ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଆଧାର ହେଉଛି ଚଇତି ବୋଲି ଅତିଥିମାନେ କହିଥିଲେ। ଏହି ମଞ୍ଚରେ ୧୪ଟି ପଞ୍ଚାୟତରୁ ଆସିଥିବା ସାଂସ୍କୃତିକ ଦଳର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଦର୍ଶକ ଢେମ୍‌ସା ଓ ଡଙ୍ଗରିଆ ନୃତ୍ୟର ଖୁବ୍ ମଜା ଉଠାଇଥିଲେ। ମାଁ ମଝିଘରିଆଣୀ ଏଣ୍ଟରଟେନ୍‌ମେଣ୍ଟ ପକ୍ଷରୁ 'ବୁଲି ଆସ ଆମ କଲ୍ୟାଣସିଂହପୁର' କ୍ୟାସେଟ୍‌କୁ ଅତିଥି ଲୋକାର୍ପଣ କରିଛନ୍ତି। ଜିଲା ସାଂସ୍କୃତିକ ସଂଘ ଉପସଭାପତି ସନ୍ତୋଷ କୁମାର ବଛା ଗୀତ ଗାଇଥିଲେ। ଏଥିରେ ସମସ୍ତ ନୃତ୍ୟ ଓ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଏଥିରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଜିଲାସ୍ତରୀୟ ଚଇତିରେ ଭାଗନେବେ ବୋଲି ବିଡିଓ କହିଛନ୍ତି। କାର୍ଯ୍ୟକ୍ରମକୁ ବିଡିଓ ତାପସ କୁମାର ଭୋଇ, ସହକାରୀ ଯନ୍ତ୍ରୀ ସବ୍ୟସାଚୀ ନାୟକ, ବନାଞ୍ଚଳ ଅଧିକାରୀ ଚନ୍ଦନ ଗମାଙ୍ଗ, ପାରଶାଳି ସ୍ୱତନ୍ତ୍ର ଅଧିକାରୀ ସଲମନ ରାଇକା, ଜିପିଓ ମାନସ ରଞ୍ଜନ ପ୍ରଧାନ, ଡବ୍ଲ୍ୟୁଇଓ ଚନ୍ଦନ ଦାସ ବାଙ୍ଗାରୀ, ବିପିଏମ୍ କଳ୍ପତରୁ ବେହେରାଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



ପଲ୍ଲିଶ୍ରୀ ମେଳାର ଏକ ଷ୍ଟଲ୍ ନିକଟରେ ଅତିଥିମାନେ।



କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ନ୍ୟୁ ଡ୍ରିମ୍ ଇଣ୍ଡିଆ ସ୍କୁଲର ବାର୍ଷିକ କ୍ରୀଡ଼ା

ଗୁଣପୁର,୬।୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁରର ନ୍ୟୁ ଡ୍ରିମ ଇଣ୍ଡିଆ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଗୁଣପୁର ମହାବିଦ୍ୟାଳୟ କ୍ରୀଡ଼ା ଅଧ୍ୟାପକ ଦେବ ପ୍ରସାଦ ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନର ପ୍ରଶାସନିକ ଅଧିକାରୀ ଅଶୋକ କର କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ଅଧକ୍ଷା ବେବିସ୍ମିତା ମଲ୍ଲିକ, କ୍ରୀଡା ଶିକ୍ଷୟିତ୍ରୀ ପୂର୍ବାସା ମିଶ୍ରଙ୍କ ସମେତ ଅନୁଷ୍ଠାନର ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପିଲା ମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ବିଶ୍ୱଶାନ୍ତି ଅଖଣ୍ଡ ମହାଯଜ୍ଞ ଅନୁଷ୍ଠିତ



ଗୁଣପୁର,୬।୧(ଡି.ଏନ.ଏ.)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଅଧୀନ ଘାନାନ୍ତି ପଞ୍ଚାୟତ ଆମ୍ବାବାଡି ଏବଂ ପୌର ପରିଷଦ ଅଧୀନ ମହିମା ନଗରରେ ଅଲେଖ ମହିମା ଧର୍ମର ବିଶ୍ୱଶାନ୍ତି ଅଖଣ୍ଡ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ସନ୍ଧ୍ୟାରେ ଆରମ୍ଭ ହୋଇ ରାତ୍ର ତମାମ ଏହି କାର୍ଯ୍ୟକ୍ରମ ଚାଲଇଥିଲା। ଶୁକ୍ରବାର ସକାଳେ ତଥା ପୌଷ ପୂର୍ଣ୍ଣିମାରେ ଏହା ସରିଥିଲା। ଏଥି ଲାଗି ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ଅଲେଖ ମହିମା ଧର୍ମାବଲମ୍ବୀଙ୍କ ସମାଗମ ହୋଇଥିଲା। ଆମ୍ବାବାଡି ଗ୍ରାମକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ.ଗିରିଧର ଗମାଙ୍ଗ ଯାଇ କାର୍ଯ୍ୟକ୍ରମ ଦେଖି ସାଧୁ ସନ୍ଥଙ୍କ ସହ ଆଲୋଚନା କରିଥିଲେ। ଅଖଣ୍ଡ ମହାଯଜ୍ଞ ଲାଗି ଗାଁ ଉତ୍ସବ ମୁଖର ରହିଥିଲା। ବ୍ରହ୍ମଧ୍ୱନି ସ୍ଥାପନ, ଅଖଣ୍ଡବତୀ ପ୍ରଜ୍ୱଳନ, ଝାଡବତି ପ୍ରଜ୍ୱଳନ, ଘୃତାହୁତି, ପ୍ରଭୁନାମ ଭଜନ, ବାଲ୍ୟଲୀଳା, ଚୁଡାକରଣ ଆଦି କରାଯାଇଥିଲା।

## ପୋଖରୀରୁ ଚାଷୀଙ୍କ ମୃତଦେହ ଜବତ

ଦିଗପହଣ୍ଡି,୬।୧(ଡି.ଏନ୍.ଏ.)

ଦିଗପହଣ୍ଡି ବ୍ଲକ ଚୌଧୁରୀ ଟିକରପଡ଼ା ଗ୍ରାମର ବୃନ୍ଦାବନ ସାହୁ (୫୦) ନାମକ ଜଣେ ଚାଷୀଙ୍କ ମୃତଦେହ ଗାଁ ପୋଖରୀରୁ ଜବତ କରାଯାଇଛି। ଶୁକ୍ରବାର କେ.ନୂଆଗାଁ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାନୁସାରେ, ଚୌଧୁରୀ ଟିକରପଡ଼ା ଗ୍ରାମ ଗଣିଆସାହିର ଚାଷୀ ବୃନ୍ଦାବନ ଗୁରୁବାର ସନ୍ଧ୍ୟାରେ ଧାନ ଅମଳ ସାରି ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ଅସାବଧାନତା କାରଣରୁ ସେ ପୋଖରୀ ଭିତରେ ପଡ଼ିଯାଇଥିଲେ। ତେବେ କିଛି ସେଠାରେ ଗାଧୋଉଥିବା କିଛି ବ୍ୟକ୍ତି ତାଙ୍କୁ ଉଦ୍ଧାର କରିବା ପରେ ପରିବାର ଲୋକେ ନିକଟସ୍ଥ ଗୌଡ଼ଗାଁ ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନୂଆପଡ଼ା ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## କୋର୍ଟ ନିର୍ଦ୍ଦେଶ ପରେ କରାଗଲା ଗଞ୍ଜେଇ ନଷ୍ଟ

ନବରଙ୍ଗପୁର,୬।୧(ବି.ପ୍ର.)

ନବରଙ୍ଗପୁର ଜିଲାର ୪ଟି ଥାନାର ୨୦ ଟି ଗଞ୍ଜେଇ କେସରେ ଜବତ ହୋଇଥିବା ୨୯୩୬ କିଲୋ ୭୬୫ ଗ୍ରାମ ଗଞ୍ଜେଇ କୋରାପୁଟ ଜିଲା ଦାମନଯୋଡି (ନାଲକୋ)ଠାରେ ଶୁକ୍ରବାର ନଷ୍ଟ କରାଯାଇଛି। ଏହି ସମୟରେ ନବରଙ୍ଗପୁର ଡ୍ରଗ୍ସ ଡିସ୍ପୋଜାଲ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

ନବରଙ୍ଗପୁର ଜିଲା ସଦର, କୋଷାଗୁମୁଡା, କୋଡ଼ିଙ୍ଗା ଓ ପାପଡାହାଣ୍ଡି ଥାନାରେ ୨୦ଟି ମାମଲାରେ ଜବତ ଗଞ୍ଜେଇର ଥାନାପକ୍ଷରୁ ତଦନ୍ତ ସରିଯାଇଥିଲା। ଉକ୍ତ ଜବତ ଗଞ୍ଜେଇକୁ ନଷ୍ଟ କରାଯିବା ପାଇଁ ସମ୍ପୃକ୍ତ ଥାନା ପକ୍ଷରୁ କୋର୍ଟକୁ ଅନୁମତି ମଗାଯାଇଥିଲା। କୋର୍ଟ ନିର୍ଦ୍ଦେଶ ଆସିବା ପରେ ଥାନା ପକ୍ଷରୁ ଡ୍ରଗ୍ସ ଡିସ୍‌ପୋଜାଲ କମିଟି ନିକଟରେ ତହା ଉପସ୍ଥାପନ କରାଯାଇ ଥିଲା। କମିଟି ଏହାର ଯାଞ୍ଚ କରିବା ପରେ ଅଧକ୍ଷଙ୍କ ଅନୁମତି ପରେ ଗଞ୍ଜେଇଗୁଡିକ ନଷ୍ଟ କରିବାକୁ ନିଷ୍ପତ୍ତି ନିଆଯାଇଛି। ଗଞ୍ଜେଇ ନଷ୍ଟ କରିବା ପୂର୍ବରୁ ଦିଲ୍ଲୀ ପରିବେଶ ମନ୍ତ୍ରାଳୟରୁ ଅନୁମତି ମଗାଯାଇଥିଲା। ଅନୁମତି ଆସିବା ପରେ କୋରାପୁଟ ଜିଲା ଦାମନଯୋଡି (ନାଲକୋ)ଠାରେ ସୁରକ୍ଷିତ ଭାବେ ଗଞ୍ଜେଇ ଗୁଡିକ କମିଟି ଅଧକ୍ଷା ତଥା ଏସ୍‌ପି ଏସ୍.ସୁଶ୍ରୀ, ଡେପୁଟି କଲେକ୍ଟର ମୌସୁମୀ ନାୟକ, ଡିଏସପି ପୁରୁଷୋତମ ଭୋଇଙ୍କ ଉପସ୍ଥିତିରେ ନଷ୍ଟ କରାଯାଇଛି। ସୂଚନାନୁଯାୟୀ, ବିଭିନ୍ନ ଥାନା ମାନଙ୍କରେ ଗଞ୍ଜେଇ ଜବତ ପରେ ରଖିବା ପାଇଁ ବହୁ ସମସ୍ୟା ଦେଖା ଦେଉଥିଲା। କମିଟି ଗଠନ କରି ଗଞ୍ଜେଇ ନଷ୍ଟ କରିବାକୁ ସୁପ୍ରିମକୋର୍ଟ ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ଜିଲାସ୍ତରରେ ଡ୍ରଗ୍ସ ଡିସ୍‌ପୋଜାଲ କମିଟି ଗଠନ କରାଯାଇଛି। ଉକ୍ତ କମିଟିରେ ଏସପି ଅଧକ୍ଷା ଅଛନ୍ତି। ଡିଏସପି ପୁରୁଷୋତମ ଭୋଇ, ଜଣେ ଡେପୁଟି କଲେକ୍ଟର, ଅବକାରୀ ଅଧିକ୍ଷକ ସଭ୍ୟ ରହିଛନ୍ତି।



ଗଞ୍ଜେଇ ନଷ୍ଟ କରିବାକୁ ପ୍ରସ୍ତୁତି ଚାଲିଛି।

## ବିଶାଖାପାଟଣା ଡିଆର୍‌ଏମ୍‌ଙ୍କୁ ନିମନ୍ତ୍ରଣ



କମିଟି ସଦସ୍ୟମାନେ ବିଶାଖାପାଟଣା ଡିଆର୍‌ଏମ୍‌ଙ୍କ ସହ ଆଲୋଚନା କରୁଛନ୍ତି।

ଗୁଣପୁର,୬।୧(ଡି. ଏନ୍. ଏ)

ଏକାଦଶ ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବକୁ ବିଶାଖାପାଟଣା ଡିଆର୍‌ଏମ୍ ଅନୁପ ଶତପଥୀ ଉଦଘାଟନ କରିବେ। ନବ ନିର୍ମାଣ ସମିତି ସଭାପତି ଅକ୍ଷୟ ଦାସ ଓ ସମ୍ପାଦକ ରଞ୍ଜିତ ପାଢି ଶୁକ୍ରବାର ଡିଆରଏମ୍ ଶତପଥିଙ୍କ ସହ ବିଶାଖାପାଟଣାସ୍ଥିତ କାର୍ଯ୍ୟାଳୟରେ ଭେଟି ତାଙ୍କୁ ନିମନ୍ତ୍ରଣ କରିଥିଲେ। ଅନୁରୋଧକୁ ରକ୍ଷା କରି କାର୍ଯ୍ୟକ୍ରମରେ ଯୋଗଦେବାକୁ ଡିଆରଏମ୍ ସ୍ୱୀକୃତି ପ୍ରଦାନ କରିଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ଗୁଣପୁର ରେଳ ବିକାଶ ସମ୍ପର୍କିତ ଅନେକ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଗୁଣପୁର-ଥେରୁବାଲି ରେଳ ପ୍ରକଳ୍ପ ତ୍ୱରାନ୍ୱିତ, ଗଜପତି ମହାରାଜାଙ୍କ ଦ୍ୱାରା ସ୍ଥାପିତ ଶତାୟୁ ଗୁଣପୁର ନୌପଡା

**ଡିଆର୍‌ଏମ୍ କରିବେ ବସନ୍ତ ମହୋତ୍ସବ ଉଦଘାଟନ**

ରେଳ ଲାଇନ୍‌କୁ ଐତିହାସିକ ମାନ୍ୟତା, ହାଇଦ୍ରାବାଦ୍-ବିଶାଖପାଟଣା ଗରିବ ରଥକୁ ଗୁଣପୁର ଯାଏ ସମ୍ପ୍ରସାରଣ, ନୌପଡା ଷ୍ଟେସନରେ ଦ୍ରୁତଗାମୀ ଟ୍ରେନ୍ ରହଣୀ ଓ ଗୁଣପୁର ଷ୍ଟେଶନରେ ଗୋଟିଏ ପ୍ଲାଟଫର୍ମ ଥିବାରୁ ଏକ କାଳୀନ ଦୁଇଟି ଟ୍ରେନ ଆସିଲେ ସମସ୍ୟା ହେଉଛି ବୋଲି ଡିଆର୍‌ଏମ୍‌ଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଉଦ୍‌ଘାଟନ ଦିନ ପ୍ରଥମେ ନୌପଡା-ଗୁଣପୁର ରେଳ ଲାଇନରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରିବା ପରେ ଡିଆର୍‌ଏମ୍ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜଣାପଡିଛି।

## ଲାଞ୍ଚ ନେବାବେଳେ ଧରାପଡ଼ିଲେ ସାନମସିଗାଁ ଏଆର୍‌ଆଇ

ନବରଙ୍ଗପୁର,୬।୧(ବି.ପ୍ର.)

ନବରଙ୍ଗପୁର ବ୍ଲକ ଅଧୀନ ସାନମସିଗାଁ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ଏଆର୍‌ଆଇ ଜଗଦୀଶ ବେହେରା ୫ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ନବରଙ୍ଗପୁର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଜଗଦୀଶଙ୍କ ଘର ନବରଙ୍ଗପୁର ବ୍ଲକ ବିକ୍ରମପୁର ଗ୍ରାମରେ ବୋଲି ସୂଚନା ମିଳିଛି।

ସୂଚନାନୁଯାୟୀ, ସାନମସିଗାଁର ବୈଜନ୍ତି ଭତରା ତାଙ୍କ ମାଆ କମଳା ଭାତରାଙ୍କ ମୃତ୍ୟୁ ପରେ ୩ ମାସ ହେବ ଉତ୍ତରାଧିକାରୀ ପ୍ରମାଣପତ୍ର ପାଇଁ ଅନ୍‌ଲାଇନରେ ନବରଙ୍ଗପୁର ତହସିଲରେ ଆବେଦନ କରିଥିଲେ। ଏହାର ତଦନ୍ତ ପାଇଁ ସାନମସିଗାଁ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟକୁ ତାହା ପଠାଯାଇଥିଲା। ଏଆର୍‌ଆଇ ଜଗଦୀଶ ବେହେରା ଆର୍‌ଆଇ ଦାୟିତ୍ୱରେ ଥିବାରୁ ସେ ବୈଜନ୍ତିଙ୍କୁ ୫ ହଜାର ଟଙ୍କା ଓ ୨ କିଲୋ ଓଜନର ଦେଶୀ କୁକୁଡ଼ା ଦେବାକୁ କହିଥିଲେ। ଲାଞ୍ଚ ନ ଦେଲେ କାମ କରିବେ ନାହିଁ ବୋଲି କହିବା ପରେ ବୈଜନ୍ତି ନବରଙ୍ଗପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ବୈଜନ୍ତି ଏଆର୍‌ଆଇଙ୍କୁ ଘରକୁ ଟଙ୍କା ନେବାପାଇଁ ଡାକିଥିଲେ। ପୂର୍ବ ପ୍ରସ୍ତୁତି ଆନୁଯାୟୀ ନବରଙ୍ଗପୁର ଭିଜିଲାନ୍ସ



ଜଗଦୀଶ ବେହେରା

ଭାରପ୍ରାପ୍ତ ଡିଏସ୍‌ପି କଳାବତୀ ବାଗ, ଇନ୍ସପେକ୍ଟର ଭୀମସେନ ପୂଜାରୀ, କନ୍‌ଷ୍ଟେବଲ ଅଜିତ ପାଢ଼ୀ, ଦିବ୍ୟାନନ୍ଦ ବେହେରା ଓ ସୂର୍ଯ୍ୟପ୍ରକାଶ ରାଓ ସେଠାରେ ଜଗିଥିଲେ। ବୈଜନ୍ତି ଟଙ୍କା ଦେବା ବେଳେ ଡିଏସ୍‌ପି ବାଗ ଏଆର୍‌ଆଇ ବେହେରାଙ୍କୁ ଧରିବାବେଳେ ସେ ଦୌଡ଼ି ପଳାଉଥିଲେ। ଚାରିଆଡୁ ଭିଜିଲାନ୍ସ ଟିମ୍ ଘେରି ତାଙ୍କୁ କାବୁକରି ୫ ହଜାର ଟଙ୍କା ଜବତ କରିବା ସହ ଗିରଫକରି ନବରଙ୍ଗପୁର ଭିଜିଲାନ୍ସ କାର୍ଯ୍ୟାଳୟକୁ ଆଣି ଅଧିକ ପଚରାଉଚରା କରୁଛି। ଏନେଇ ୧/୨୩ ରେ ଏକ ମାମଲା ରୁଜୁ ହୋଇଛି।

## ହାଟମୁନିଗୁଡ଼ା ମଣ୍ଡିରେ କିଣାଗଲା ୪୭୦୦ କୁଇଣ୍ଟାଲ ଧାନ

ବିଷମକଟକ, ୬।୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକ ବ୍ଲକସ୍ଥିତ ହାଟମୁନିଗୁଡା ଧାନ ମଣ୍ଡିରେ ୧୦୪ ଜଣ ଚାଷୀଙ୍କ ୪୭୦୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ଏହି ଧାନକୁ ହାଟମୁନିଗୁଡା ମଣ୍ଡିରେ ସଂଯୋଗ ହୋଇଥିବା ୬ ମିଲରଙ୍କ ମଧ୍ୟରେ ବାଣ୍ଟି ଦିଆଯାଇଛି। ହାଟମୁନିଗୁଡା ମଣ୍ଡିକୁ ତହସିଲଦାର ସୁବେନ୍ଦୁ କୁମାର ଜେନା ପରିଦର୍ଶନରେ ଆସିଥିଲେ। ଗତ ମାସ ୨୬ତାରିଖରେ ଚାଟିକୋଣାରେ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଥିଲା। ଉକ୍ତ ଦିନ ୩ଜଣ ଚାଷୀଙ୍କଠାରୁ ୧୨୩ କୁଇଣ୍ଟାଲ ଧାନ କିଣାଯାଇଥିଲା। ୪ ତାରିଖ ବୁଧବାର ଦିନ ଗଜବାହାଲ ମଣ୍ଡିରେ ୯୨ ଚାଷୀଙ୍କଠାରୁ ୪୫୦୦ କୁଇଣ୍ଟାଲ ଧାନ କ୍ରୟ ହୋଇଥିବା ବେଳେ ୩୦ ତାରିଖ ଶୁକ୍ରବାର ହାଟମୁନିଗୁଡା ଧାନ ମଣ୍ଡିରେ ୪୭୦୦ କୁଇଣ୍ଟାଲ ଧାନ କିଣଯାଇଥିଲା।

## ପ୍ରଥମ ଦିନରେ ଖେଳାଗଲା ୪ ମ୍ୟାଚ୍

ଡାବୁଗାଁ, ୬।୧ (ଡି.ଏନ୍.ଏ.)

**ବ୍ଲକ୍‌ସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ମିନି ଷ୍ଟାଡିୟମରେ ପୁରୁଷ ହକି ବିଶ୍ୱକପ୍ ଉପଲକ୍ଷେ ବ୍ଲକସ୍ତରୀୟ ଫୁଟବଲ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଅଧକ୍ଷା ବୀଣା ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାର ପ୍ରଥମ ଦିନରେ ୪ଟି ମ୍ୟାଚ୍ ଖେଳାଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ ଚଚରାଗୁଡ଼ା ଓ ବୋରିଗାଁ ମଧ୍ୟରେ ଖେଳାଯାଇଥିଲା। ୩-୦ ଗୋଲରେ ଚଚରାଗୁଡ଼ା ବିଜୟୀ ହୋଇଛି। କୋଇଲାରୀ ଓ ଡାବୁଗାଁ ମଧ୍ୟରେ ହୋଇଥିବା ଦ୍ୱିତୀୟ ମ୍ୟାଚ୍‌କୁ ୧-୦ରେ କୋଇଲାରୀ ଦଳ ବାଜି ମାରି ନେଇଛି। ତୃତୀୟ ମ୍ୟାଚ୍ ଜୁନାପାଣି ଓ ମେଦନା ମଧ୍ୟରେ ଖେଳାଯାଇଥିଲା। ମେଦନା ଦଳ ୧-୦ରେ ବିଜୟୀ ହୋଇଛି। ସେହିଭଳି ଚତୁର୍ଥ ମ୍ୟାଚ ଡଙ୍ଗରିଗୁଡ଼ା ଓ ଜବାଗୁଡ଼ା ମଧ୍ୟରେ ଖେଳାଯାଇଛି। ଏଥିରେ ଡଙ୍ଗରିଗୁଡ଼ା ୧-୦ ଗୋଲରେ ବିଜୟୀ ହୋଇଛି। ଏହି ସମୟରେ ବ୍ଲକ ଉପାଧକ୍ଷ ସଦାନନ୍ଦ ନାୟକ, ଏମ୍‌ପିଙ୍କ ପ୍ରତିନିଧି ଏମ୍. ଆପ୍ପାରାଓ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ବିଡିଓ ଶରତ ମାଝି, ଏବିଡିଓ ପଦ୍ମନାଭ ତ୍ରିପାଠୀ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏ.ଡି. ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ କ୍ରୀଡ଼ା ଶିକ୍ଷକ ହେମନ୍ତ କୁମାର ସାମଲ, ଉମାକାନ୍ତ ବିଶ୍ୱାଳ ଓ ରଞ୍ଜନ କୁମାର ପରିଡ଼ା ପ୍ରମୁଖ ଖେଳ ପରିଚାଳନା କରିଥିଲେ।



ଅତିଥିଙ୍କ ସହ ଖେଳାଳିମାନେ।

## ୨ ଘଣ୍ଟା ରାସ୍ତାରୋକୋ କଲେ ଚାଷୀ

ପାପଡ଼ାହାଣ୍ଡି,୬।୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଜଟାବାଲ ପଞ୍ଚାୟତ ଜାମ୍ବଗୁଡ଼ା ଧାନମଣ୍ଡିରେ ଧାନ ଉଠାଯାଉ ନ ଥିବାରୁ ଚାଷୀ ଶୁକ୍ରବାର ରାସ୍ତାରୋକୋ କରିଛନ୍ତି। ଫଳରେ ପାପଡ଼ାହାଣ୍ଡିରୁ ଉମରକୋଟ ରାସ୍ତା ୨ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଅବରୋଧ ହୋଇଥିଲା। ଚାଷୀ ମିଲର୍ସଙ୍କ କଟ୍‌ନି ଛଟ୍‌ନିକୁ ବିରୋଧ କରିଥିଲେ। ଖବରପାଇ ପାପଡ଼ାହାଣ୍ଡି ତହସିଲଦାର ଯୋଗେଶ୍ୱର ଭୋଇ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିବା ସହ ଉପସ୍ଥିତ ମିଲରମାନଙ୍କ ସହ ଆଲୋଚନା କରିବା ପରେ ରାସ୍ତାରୋକୋ ହଟିଥିଲା।

୨ଦିନ ହେଲା ମଣ୍ଡିରେ ଚାଷୀଙ୍କ ଧାନ ପଡ଼ିରହିଛି। ଲୋକେ ଜଗିବା ବାବଦକୁ ପ୍ରତିଦିନ ୫୦ ଟଙ୍କା ଜଗୁଆଳିକୁ ଦେବା ସହ ସେମାନଙ୍କ ସମସ୍ତ କାମ ଛାଡ଼ି ଆସି ମଣ୍ଡିରେ ରହୁଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଲୋକେ ହଇରାଣ ହେଉଥିବାବେଳେ ମଣ୍ଡିରେ ମିଲରମାନଙ୍କ ଦେଖାନାହିଁ। ତେଣୁ ଧାନ ଉଠିବା ନେଇ ସନ୍ଦେହ ଦେଖାଦେଇଛି ବୋଲି ଚାଷୀମାନେ ଅଭିଯୋଗ କରିଥିଲେ। ମା' ବୃନ୍ଦାବତୀ ଏସ୍‌ଏଚ୍‌ଜି ଧାନ କିଣିବ। କିନ୍ତୁ ଟାର୍ଗେଟ ନ ଥିବାରୁ ମିଲରମାନେ ଆସୁ ନ ଥିବାବେଳେ ମଣ୍ଡିରେ ଧାନ ପଡ଼ିଛି। ଏହାକୁ ବିରୋଧକରି ଶୁକ୍ରବାର ଲୋକେ ରାସ୍ତାରୋକୋ କରିଥିଲେ। ଅପରାହ୍ନ ୨ଟାରୁ ୪ଟା ପର୍ଯ୍ୟନ୍ତ ରାସ୍ତାରୋକୋ କରାଯାଇଥିଲା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଗାଡ଼ି ଅଟକିରହିଥିଲା। ଜଟାବାଲର ମିଲରମାନେ ପହଞ୍ଚି କୁଇଣ୍ଟାଲ ପ୍ରତି ୫କେଜି କାଟି ଧାନ ନେବେ ବୋଲି କହିବାରୁ ଚାଷୀଙ୍କ ଅସନ୍ତୋଷ ବଢ଼ିଥିଲା। କ'ଣ ପାଇଁ କଟ୍‌ନି ଛଟ୍‌ନି ହେବ ବୋଲି ଚାଷୀ ଜିଦ୍ ଧରିଥିଲେ। ଚଳିତ ବର୍ଷ ଭଲ ବର୍ଷା ହୋଇଥିବାରୁ ସମସ୍ତଙ୍କ ଧାନ ଅମଳ ମଧ୍ୟ ଭଲ ହୋଇଛି। ହୋଇଛି ତେଣୁ ଧାନ କାଟକୁ ଚାଷୀ ବିରୋଧ କରିଥିଲେ।



ଚାଷୀମାନେ ରାସ୍ତାରୋକୋ କରିଛନ୍ତି।

- ମଣ୍ଡିରୁ ଧାନ ଉଠୁ ନ ଥିବା ବିରୋଧରେ ପ୍ରତିବାଦ
- କଟ୍‌ନି ଛଟ୍‌ନିକୁ ବିରୋଧ
- ତହସିଲଦାରଙ୍କ ହସ୍ତକ୍ଷେପ ପରେ ହଟିଲା ରାସ୍ତାରୋକୋ

ଚାଷୀଙ୍କ ରାସ୍ତାରୋକୋ ଖବରପାଇ ପାପଡାହାଣ୍ଡି ତହସିଲଦାର ଯୋଗେଶ୍ୱର ଭୋଇ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଫୋନ୍‌ରେ ପାପଡ଼ାହାଣ୍ଡି ଏମ୍‌ଆଇ ରାଜେଶ ଶବରଙ୍କୁ ମିଲରଙ୍କୁ ପଠାଇ ଧାନ ଗ୍ରହଣ ଲାଗି କହିବା ସହ ଉପସ୍ଥିତ ମିଲରଙ୍କୁ ସରକାରଙ୍କ ନିୟମ ପ୍ରକାରେ ଧାନ କିଣିବା ଲାଗି କହିଥିଲେ। ପରେ ଚାଷୀମାନେ ତହସିଲଦାରଙ୍କ କଥାରେ ସହମତି ହୋଇ ରାସ୍ତାରୋକୋ ହଟାଇଥିଲେ। ମିଲରମାନେ ଟୋକନ ସଂଗ୍ରହକରି ଧାନ କିଣା ଆରମ୍ଭ କରିଥିଲେ। ଧାରଣାବେଳେ ଦୁର୍ଯ୍ୟୋଧନ ଭତରା, ରାଧେଶ୍ୟମ ସାନ୍ତା, ମହେଶ୍ୱର ପୂଜାରୀ, ସାଇବ ବିଷୋୟୀ, ଅଶୋକ ନାୟକ, ପୂର୍ଣ୍ଣ ସାନ୍ତା, ସିଲେନ୍ଦ୍ର ସାନ୍ତା, ଦେବଘନ ଭତରା, ମଙ୍ଗରୁ ଭତରା, ବନମାଳୀ ନାୟକ, ଦାଶ ଗୌଡ଼, ବୁଦରାମ ନାୟକ, ଡମ୍ବୁ ଭତରା, ଗଙ୍ଗାଧର ଭତରା, ମଧୁ ମାଳି, ନରସିଂହ ଭତରାଙ୍କ ସହ ଶତାଧିକ ଚାଷୀ ରାସ୍ତାରୋକୋରେ ସାମିଲ ହୋଇଥିଲେ।

